# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 April – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ସହ ସିନ୍ଧୁନଦୀ ଜଳ ବଣ୍ଟନ ଚୁକ୍ତି ବାତିଲ ପରବର୍ତ୍ତୀ ସ୍ଥିତି ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଜାରି
- ରାଜ୍ୟ ମୁଖ୍ୟ ସୂଚନା  ଆୟୁକ୍ତ ଭାବେ ଶପଥ ଗ୍ରହଣ କଲେ ମନୋଜ କୁମାର ପରିଡା
- 'ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମ୍ୟାଲେରିଆ ଦିବସ

ଏବଂ

- ଗ୍ରୀଷ୍ମପ୍ରକୋପ ପରିପ୍ରେକ୍ଷୀରେ ଜାରି ମାର୍ଗଦର୍ଶିକା ଉଲ୍ଲଙ୍ଘନ କ୍ଷେତ୍ରରେ ଗ୍ରହଣ କରାଯିବ କାର୍ଯ୍ୟାନୁଷ୍ଠାନ; କହିଲେ, ରାଜସ୍ୱ ମନ୍ତ୍ରୀ

## ସିନ୍ଧୁ ନଦୀ ଚୁକ୍ତି ବୈଠକ

ପାକିସ୍ତାନ ସହ ସିନ୍ଧୁ ନଦୀ ଜଳବଣ୍ଟନ ଚୁକ୍ତି ବାତିଲ  ପରବର୍ତ୍ତୀ ସ୍ଥିତି ନେଇ ଆଜି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ନୂଆଦିଲ୍ଲୀସ୍ଥିତ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହ ରହିଥିବା ସିନ୍ଧୁ ନଦୀ ଜଳବଣ୍ଟନ ଚୁକ୍ତି ୧୯୬୦କୁ ଭାରତ ବାତିଲ କରିବା ନେଇ ସୁରକ୍ଷା ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## କେନ୍ଦ୍ର କ୍ୟାବିନେଟ-ଆତଙ୍କବାଦ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ କେନ୍ଦ୍ର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ନେଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ନିଜ ନିଜ ଅଂଚଳରେ ରହିଥିବା ପାକିସ୍ଥାନୀଙ୍କୁ ତାଙ୍କ ଦେଶକୁ ତୁରନ୍ତ ଫେରିଯିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାକିସ୍ଥାନ ନାଗରିକଙ୍କ ଭିସା ରଦ୍ଦ ପାଇଁ ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

## ୱକଫ୍ ସଂଶୋଧନ ଶୁଣାଣି

ୱକଫ୍ ସଂଶୋଧନ ଆଇନ୍‌ର ବୈଧତାକୁ ନେଇ ଆଗତ ମାମଲାର ସୁପ୍ରିମ୍‌କୋର୍ଟରେ ଆଜି ଶୁଣାଣି ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ

ଆଜି ପ୍ରାଥମିକ ସତ୍ୟପାଠ ଦାଖଲ କରାଯାଇଛି। କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରଣାଳୟ ପକ୍ଷରୁ ଆଗତ ଏହି ସତ୍ୟପାଠରେ ଓ୍ୱକଫ୍ ସମ୍ପତ୍ତିର ଅପବ୍ୟବହାର ଏବଂ ଘରୋଇ ଓ ସରକାରୀ ସମ୍ପତ୍ତିର ଓ୍ୱକଫ୍ ବୋର୍ଡ ଦ୍ୱାରା ଜବରଦଖଲ ନେଇ ତଥ୍ୟ ଉପସ୍ଥାପନ କରାଯାଇଛି। ପ୍ରଧାନ ବିଚାରପତି ସଂଜୀବ୍ ଖନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତାମାସ ୫ ତାରିଖ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସେହିଦିନ ମାମଲାର ପ୍ରାଥମିକ ଶୁଣାଣି ପରେ ଆବଶ୍ୟକ ପଡିଲେ କୋର୍ଟ୍ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦାନ କରିବେ। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଏହି ମାମଲାର ଶୁଣାଣି କରି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ୭ ଦିନ ସମୟ ପ୍ରଦାନ କରିଥିଲେ।

## ସୂଚନା ଆୟୁକ୍ତ

ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ କୁମାର ପରିଡା ଆଜି ଶପଥ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ରାଜଭବନ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଶ୍ରୀ ପରିଡାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏଥିସହିତ  ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକଙ୍କୁ ରାଜ୍ୟ ସୂଚନା ଆୟୁକ୍ତ ଭାବେ ଶପଥ ପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଏମ୍ସ୍ ଭୁବନେଶ୍ୱର

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ୍‌ଠାରେ ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ସୁବିଧା ସହ ଏମ୍ସ୍ ଭୁବନେଶ୍ୱର ସମ୍ପୂର୍ଣ୍ଣ ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ସୂଚନାଯୋଗ୍ୟ, ଏମ୍ସ୍‌ର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ପ୍ରଥମ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିବା ଏମ୍ସ୍ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏବଂ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଏମ୍ସ୍‌ରେ ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ଆରମ୍ଭ କରାଯିବ ବୋଲି ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡକ୍ଟର ବିଷ୍ଣୁପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

## ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ : ଏଥିନିମନ୍ତେ ପୁନର୍ବିନିଯୋଗ, ପୁନଃ ଚିନ୍ତନ କରିବା' । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି । ମାଇ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃ ମ୍ୟାଲେରିଆ ଜ୍ୱର ହୋଇଥାଏ । ୨୦୩୦ ମସିହା ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମ୍ୟାଲେରିଆ ମୁକ୍ତ

କରିବା ପାଇଁ 'ଦମନ' - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜାରି ରହିଛି।

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଯୋଗଦେଇ ଜିଲ୍ଲାରେ ସମସ୍ତଙ୍କ ସହଭାଗିତାରେ ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି।

ସଚେତନତା ଏବଂ ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ ବୋଲି ଉପଜିଲ୍ଲାପାଳ ମତ ବ୍ୟକ୍ତ କରିଛନ୍ତି। ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ବର୍ଷକୁ ୨ ଥର ମେ' ଏବଂ ସେପ୍ଟେମ୍ବର ମାସରେ କୀଟନାଶକ ଔଷଧ ସିଞ୍ଚନ କରାଯାଉଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଟାଉନ୍‌ହଲ୍‌ଠାରେ ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଭାସୀ ମାଧ୍ୟମରେ ଯୋଗଦେଇ ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

## ଅନ୍ତ୍ୟୋଦୟ ଆବାସ ଯୋଜନା

ଅନ୍ତ୍ୟୋଦୟ ଆବାସ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବାବେଳେ ଆସନ୍ତା ମାସ ସୁଦ୍ଧା ଆଉ ଲକ୍ଷେ ହିତାଧିକାରୀଙ୍କୁ

ସରକାର ଘର ପ୍ରଦାନ କରିବାର ଲକ୍ଷ୍ୟ ରଖିଥିବା ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାୟକ କହିଛନ୍ତି।

ଆସନ୍ତା ମାସ ଶେଷ ଯାଏ ଆବାସ ସର୍ଭେ ଚାଲିବାକୁ ଥିବାବେଳେ ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ସାମିଲ ହୋଇ ସାରିଥିବା ଜଣାପଡିଛି।

## ସିଭିଲ୍ ଜଜ୍‌କୋର୍ଟ୍

ଉଚ୍ଚ ନ୍ୟାୟାଳୟର ପରାମର୍ଶକ୍ରମେ ରାଜ୍ୟରେ ଆଉ ୪୬ଟି ନୂଆ ସିଭିଲ୍ ଜଜ୍‌କୋର୍ଟ୍ - ଜୁନିୟର ଡିଭିଜନ୍ ଗଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିବା ପରେ ସିଭିଲ୍ ଜର୍ଜକୋର୍ଟ୍ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

୨୨ଟି ଜିଲ୍ଲାରେ ଏହି କୋର୍ଟ୍‌ଗୁଡ଼ିକ ସ୍ଥାପନ ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ବାଲେଶ୍ୱର, ସମ୍ବଲପୁର, ରାୟଗଡ଼ା, ପୁରୀ ସୁନ୍ଦରଗଡ଼, ସୋନପୁର, ବରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, କୋରାପୁଟ, ଯାଜପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ଭଦ୍ରକ ଢେଙ୍କାନାଳ, ମାଲକାନଗିରି, ବଲାଙ୍ଗିର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଜଗତ୍‌ସିଂହପୁର ଓ ଗଞ୍ଜାମ ଆଦି ଜିଲ୍ଲାରେ ଏହି କୋର୍ଟ୍ ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସ୍କୁଲ ଖୋଲିଲେ କାର୍ଯ୍ୟାନୁଷ୍ଠାନ

ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଜାରି ହୋଇଥିବା ମାର୍ଗଦର୍ଶିକା ଉଲ୍ଲଙ୍ଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଏହି ମାର୍ଗଦର୍ଶିକା

ଉଲ୍ଲଙ୍ଘନ କରୁଥିବା ନେଇ ଅଭିଯୋଗ ଆଧାରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ଗ୍ରୀଷ୍ମପ୍ରକୋପ ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି। ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି। ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ୱେଭ୍‌ସ୍

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍‌ସ୍-୨୦୨୫ ସଂକ୍ରାନ୍ତ ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି-ଆଇଏମ୍‌ପିସିସି ବୈଠକ ଆଜି ଅନୁଷ୍ଠିତ ହୋଇଛି। ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆକାଶବାଣୀ କଟକ କେନ୍ଦ୍ରଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଗଣମାଧ୍ୟମ ସହିତ ଜଡିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ୱେଭ୍‌ସ୍ ସମ୍ମିଳନୀକୁ କିପରି ଅଧିକରୁ ଅଧିକ ପ୍ରଚାର ପ୍ରସାର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନର ମୁଖ୍ୟ ପ୍ରଫେସର ଆନନ୍ଦ ପ୍ରଧାନ ତାଙ୍କର ଉଦ୍‌ବୋଧନରେ କହିଥିଲେ, ମନୋରଞ୍ଜନ ସମ୍ପର୍କିତ କଳାକାରମାନଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ଏହି ୱେଭ୍‌ସ୍ ପ୍ଲାଟଫର୍ମ ସହାୟତା ଯୋଗାଇବ। ୱେଭ୍‌ସ ଏବଂ ଗଣମାଧ୍ୟମର ଭୂମିକା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଅନ୍ୟତମ ବକ୍ତା ଜ୍ୟୋତିପ୍ରକାଶ ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଥିଲେ। ୱେଭ୍‌ସ୍ ସମ୍ମିଳନୀ ଆସନ୍ତା ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ।

## ରାଷ୍ଟ୍ରୀୟ ଲୋକଅଦାଲତ

ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ ଏବଂ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତାମାସ ୧୦ ତାରିଖରେ ଆୟୋଜିତ ହେବ। ବିନା ମୂଲ୍ୟରେ ଜନସାଧାରଣଙ୍କୁ ଆଇନ୍‌ସେବା ଯୋଗାଇଦେବାକୁ ନୟାଗଡ଼ ନ୍ୟାୟାଳୟ ସମେତ ରଣପୁର, ଓଡ଼ଗାଁ, ଦଶପଲ୍ଲା, ଖଣ୍ଡପଡା ଏବଂ ଭାପୁର ନ୍ୟାୟାଳୟରେ ଏହି ଲୋକଅଦାଲତ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ରକ୍ତଦାନ ଶିବିର

**ଦେବଗଡ଼** ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ପକ୍ଷରୁ  ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି କଣ୍ଢେଇଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ୍ ସମବାୟ ବର୍ଷ-୨୦୨୫ ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୧ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବାରକୋଟ୍ ବ୍ଲକ୍ ତହସିଲଦାର, ଉପନିବନ୍ଧକ, ସମବାୟ ସମିତି ସଂଘର ସହକାରୀ ନିବନ୍ଧକଙ୍କ ସମେତ ଜିଲ୍ଲାର ଅନେକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

## ଗ୍ରୀଷ୍ମ ପ୍ରବାହ

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବାବେଳେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଜଳ ସମସ୍ୟା ଥିବା ସ୍ଥାନମାନଙ୍କରେ ଆଗାମୀ ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ

ପଂଚାୟତିରାଜମନ୍ତ୍ରୀ ରବି ନାରାୟଣ ନାୟକ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଗତ ୪ ଦିନ ଧରି ଲାଗି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ରାଜ୍ୟର ୮ଟି ପ୍ରମୁଖ ସହରରେ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା । ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ବଲାଙ୍ଗିର, ବୌଦ୍ଧର ତାପମାତ୍ରା ୪୪ ଦଶମିକ ୫ ଡିଗ୍ରୀ ଲେଖାଏଁ ଥିଲା । ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ର ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିବା ଜଣାପଡିଛି ।